## ନିତ୍ୟାନନ୍ଦ ଦାସ ଓଡ଼ିଶା ବିଚାରବିଭାଗୀୟ କର୍ମଚାରୀ ମହାସଂଘର ଉପସଭାପତି

ଯାଜପୁରଟାଉନ,(ଡି.ଏନ୍.ଏ): ଯାଜପୁର ଜିଲା କୋର୍ଟର ମୁଖ୍ୟ ପ୍ରଶାସନିକ ଅଧିକାରୀ ନିତ୍ୟାନନ୍ଦ ଦାସ ଓଡ଼ିଶା ବିଚାର ବିଭାଗୀୟ ମହାସଂଘର ଉପସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କଟକ ସଂଘ କାର୍ଯ୍ୟାଳୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରତି ୩ବର୍ଷରେ ଥରେ ଏହି ନିର୍ବାଚନ ଅନୁଷ୍ଠିତ ହୁଏ। ନିତ୍ୟାନନ୍ଦ ଦାସ ସଂଘର ପୂର୍ବତନ ଉପସଭାପତି ପ୍ରକାଶ କୁମାର ନେପାକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲା କୋର୍ଟରେ ସମସ୍ତ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ବେଆଇନ ମାଙ୍କଡ଼ା ଖାଦାନରେ ୧୪୪ଧାରା ଜାରି

ବଡ଼ଚଣା,୬।୩(ଡି.ଏନ୍.ଏ.): ପଶ୍ଚିମ ବଡ଼ଚଣାର ବିଭିନ୍ନ ସ୍ଥାନରେ ଏବେ ମାଙ୍କଡ଼ା ପଥର ବ୍ୟବସାୟୀ ବେଶ୍ ସକ୍ରିୟ ହୋଇଉଠିଛନ୍ତି। କିଛିଦିନ ହେଲା ବିଭିନ୍ନ ସ୍ଥାନରେ ବେଆଇନ ଭାବେ ରାତିରେ ମେଶିନ ଦ୍ୱାରା ସରକାରୀ ଜମିରୁ ମାଙ୍କଡ଼ା ତାଡ଼ି ବିକ୍ରି କରୁଛନ୍ତି। ଏନେଇ ଦର୍ପଣ ତହସିଲଦାର ଓ ବୈରୀ ପୋଲିସ ଜାଣିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଞ୍ଚଳବାସୀ ଜଣାଇବା ପରେ ତହସିଲଦାର ଶୁଭଦର୍ଶନ ମିଶ୍ର ଏହାର ତଦନ୍ତ କରିଛନ୍ତି। ରବିବାର ସ୍ଥାନୀୟ ବ୍ଲକ ଅନ୍ତର୍ଗତ ସମିଆଁ ମୌଜାର ଖାତା ନଂ. ୧୦୦୨ (ରକ୍ଷିତ) ପ୍ଲଟ ନଂ. -୭୬୯/୪୧୫୯ ଓ କିସମ ଉନ୍ନତ ଯୋଜନାରେ ଖନନ ହେଉଥିବା ମାଙ୍କଡ଼ା ଖାଦାନ ଉପରେ ନାଲି ପତାକା ମାରି ୧୪୪ଧାରା ଜାରି କରିଛନ୍ତି।

### ମୋ ସ୍କୁଲ ଅଭିଯାନରେ ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଥମ

ବଡ଼ଚଣା,୬।୩(ଡି.ଏନ୍.ଏ.): ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୋ ସ୍କୁଲ ସଙ୍ଗଠନ ଓ ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ବଡ଼ଚଣା ବ୍ଲକ ଅଧୀନ ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ସଂସ୍କୃତି ଭବନରେ ଜିଲା ଶିକ୍ଷାଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ରଞ୍ଜନ କୁମାର ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୈତାରୀ ମଲିକ ଓ ମୋସ୍କୁଲ ଅଭିଯାନର ସଭାପତି କେଦାର ନାଥ ଷଡ଼ଙ୍ଗୀ ପୁରସ୍କାର ଗ୍ରହଣ କରିଥିଲେ। ଏହି ବିଦ୍ୟାଳୟ ଗୌରବ ଅର୍ଜନ କରିଥିବାରୁ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଛାତ୍ରୀଛାତ୍ର, ଅଭିଭାବକ, ପ୍ରଧାନଶିକ୍ଷକ ପ୍ରମୁଖ ମୋ ସ୍କୁଲ ଅଭିଯାନର କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ହୃଦ୍‌ଘାତରେ ଯୁବ ଠିକାଦାରଙ୍କ ମୃତ୍ୟୁ



ରସୁଲପୁର,୬।୩(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ଯୁବ ଠିକାଦାର ଦିଲୀପ କୁମାର ସେଠୀ(୪୪)ଙ୍କ ହୃଦ୍‌ଘାତରେ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୋମବାର ଶବଧାରକୁ କୁଆଖିଆ ବଜାରରୁ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କ ଗାଁ ମିର୍ଜାପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରବିବାର ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ଅନ୍ୟ ଡାକ୍ତରଖାନା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ପରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଥିଲା। ଦିଲୀପଙ୍କ ୨ ଝିଅ ସନ୍ତାନ ଅଛନ୍ତି। ସେ ହାଇଟେକ ସ୍କୁଲର ପରିଚାଳନା କମିଟିର ଜଣେ ସଦସ୍ୟ ଥିଲେ। ଖବର ପାଇ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶଶିଭୂଷଣ ପରିଡା ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଯାଜପୁର ଜିଲାପରିଷଦର ପୂର୍ବତନ ଅଧକ୍ଷ ନରେଶ ମହାନ୍ତି, ପୂର୍ବତନ ସରପଞ୍ଚ ମୋଇଉଦ୍ଦିନ ମହମ୍ମଦ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ସାରଥୀ ଜେନାପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

# ଠିକାରେ ହେଉଛି ଡିଜାଇନ, ନକ୍ସା

**ଗ୍ରାମ୍ୟ ନିର୍ମାଣ ବିଭାଗ**

■ ବିଭାଗୀୟ ବୈଷୟିକ ଯନ୍ତ୍ରୀଙ୍କୁ ଗୌଣ କରାଯାଉଛି

ଯାଜପୁର ଅଫିସ,୬।୩

ରାଜ୍ୟରେ ଦ୍ରୁତ ଶିଳ୍ପାୟନକୁ ସରକାର ପ୍ରୋତ୍ସାହନ ଯୋଗାଇ ଚାଲିଛନ୍ତି। ହେଲେ ବାହାର ରାଜ୍ୟର ଠିକାସଂସ୍ଥା ଜରିଆରେ କର୍ମଚାରୀ ଓ ଶ୍ରମିକ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି। କେବଳ ଖଣି ଓ ଶିଳ୍ପ କାରଖାନା ନୁହେଁ, ବିଭିନ୍ନ ସରକାରୀ ବିଭାଗରେ ମଧ ଠିକାସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରାଯାଉଛି। ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗରେ ଏଭଳି ଏକ ତଥ୍ୟ ଲୋକଲୋଚନକୁ ଆସିଛି। ବିଭାଗ ଅଧୀନରେ ବହୁସଂଖ୍ୟକ ଅଭିଜ୍ଞ ଓ ବୈଷୟିକ ଜ୍ଞାନଧାରୀ ଯନ୍ତ୍ରୀ ନିୟୋଜିତ ଥିବା ସତ୍ତ୍ୱେ ଠିକାସଂସ୍ଥାଗୁଡ଼ିକଠାରୁ ଡିଜାଇନ ଓ ନକ୍ସା କରାଯାଉଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରାଯାଉଛି। ସୂଚନା ଅନୁସାରେ ଗତ ୫ ବର୍ଷରେ ଏଥିପାଇଁ ୨୯.୨୧ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ କେତେକ ଅଣଓଡ଼ିଆ ଠିକାସଂସ୍ଥା ଉପରେ ନିର୍ଭରଶୀଳ ହୋଇଥିବା ଅଭିଯୋଗ ହେଉଛି।

ଗ୍ରାମ୍ୟ ନିର୍ମାଣ ବିଭାଗ ଯନ୍ତ୍ରୀମୁଖ୍ୟ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୩,୯୨୩ଟି ରାସ୍ତା ଓ ୨୨୩ ସେତୁ ପାଇଁ ୧୦୬୮୭.୬୨ କୋଟି ଟଙ୍କା ସରକାର ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡିକର ଡିଜାଇନ ଓ ନକ୍ସା ବିଭାଗୀୟ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ହେଉଛି। କିନ୍ତୁ ଡିଜାଇନ ଓ ନକ୍ସା ପ୍ରସ୍ତୁତ ପାଇଁ ଦରକାର ହେଉଥିବା ସର୍ବେକ୍ଷଣ, ମୃତ୍ତିକା ଅନୁସନ୍ଧାନ ଓ ମୃତ୍ତିକା ପରୀକ୍ଷଣ କାର୍ଯ୍ୟଗୁଡ଼ିକ ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଦ୍ୱାରା ସମ୍ପାଦନ ହେଉଛି। ଏଥିରେ ଏମ.କେ. କନ୍‌ସଲଟାନ୍ସି, ଡି.କେ. କନ୍‌ସଲଟାନ୍ସି, ଶ୍ରୀ କନ୍‌ସଲଟାନ୍ସି, କୌଶିକ ରିସର୍ଚ୍ଚ, ବିଜୟଲକ୍ଷ୍ମୀ କନ୍‌ସଲଟାନ୍ସି ପ୍ରମୁଖ ଠିକାସଂସ୍ଥାଗୁଡିକୁ ନିୟୋଜିତ କରାଯାଉଛି। ଏହି ସଂସ୍ଥାଗୁଡିକ ପାଇଁ ଖର୍ଚ୍ଚ ହେଉଥିବା ଆବଶ୍ୟକ ଅର୍ଥ କେନ୍ଦ୍ର ସରକାର ବହନ କରିଥାନ୍ତି। ଗତ ୫ ବର୍ଷ ମଧ୍ୟରେ ପ୍ଲାନରୋଡ୍ ଅଧୀନରେ ୯୧ଟି ରାସ୍ତା ପ୍ରକଳ୍ପରେ ୯୨ଟି ସେତୁ ନିମନ୍ତେ ଡିଜାଇନ ଓ ନକ୍ସା ବିଭାଗୀୟ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ପ୍ଲାନ୍ ରୋଡ୍ ଅଧୀନରେ କୌଣସି ପ୍ରକଳ୍ପର ଡିଜାଇନ ଓ ନକ୍ସା ଠିକାସଂସ୍ଥା ମାଧ୍ୟମରେ ପ୍ରସ୍ତୁତ ହୋଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଗତ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୦୭୯ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧୯୨ଟି ସେତୁ ପ୍ରକଳ୍ପ ଏବଂ ୫୨୭.୪୬ କୋଟି ଟଙ୍କା ବ୍ୟୟ ଅଟକଳରେ ୧୭ଟି କୋଠାବାଡି ପ୍ରକଳ୍ପ ବିଭାଗୀୟ କାର୍ଯ୍ୟାଳୟ ଦ୍ୱାରା ଡିଜାଇନ ଓ ନକ୍ସା ପ୍ରସ୍ତୁତ ହୋଇଛି। କେବଳ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଡିଜାଇନ ଓ ନକ୍ସା ପାଇଁ ଆବଶ୍ୟକ ସର୍ବେକ୍ଷଣ, ମୃତ୍ତିକା ଅନୁସନ୍ଧାନ ଓ ମୃତ୍ତିକା ପରୀକ୍ଷଣ କାର୍ଯ୍ୟ ପାଇଁ ୨୦୧୭-୧୮ରେ ୭ କୋଟି ୯୧ ଲକ୍ଷ ଟଙ୍କା, ୨୦୧୮-୧୯ରେ ୭ କୋଟି ୨୦ ଲକ୍ଷ ୪୩ ହଜାର, ୨୦୨୦-୨୧ରେ ୧ କୋଟି ୬ ହଜାର ଟଙ୍କା, ୨୦୨୧-୨୨ରେ ୫ କୋଟି ୯୭ ଲକ୍ଷ ୧ ହଜାର ଟଙ୍କା ଓ ୨୦୨୨-୨୩ ରେ ୭ କୋଟି ୧୨ ଲକ୍ଷ ୯୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ନିର୍ମାଣ ବିଭାଗରେ ବରିଷ୍ଠ ଅଭିଜ୍ଞ ବୈଷୟିକ ଡିଗ୍ରୀଧାରୀ ଯନ୍ତ୍ରୀମାନେ ନିଯୁକ୍ତି ପାଇଥିଲେ ହେଁ ସେମାନଙ୍କୁ ଗୌଣ କରି ଠିକାସଂସ୍ଥାଗୁଡିକୁ ନିଯୁକ୍ତି ଦେବା ପଛରେ କାହାର ସ୍ୱାର୍ଥ ରହିଛି ବୋଲି ଏଠାରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଅତ୍ୟଧିକ କାର୍ଯ୍ୟଭାର ଏବଂ ସୀମିତ ସଂଖ୍ୟକ ବୈଷୟିକ କର୍ମଚାରୀ ଡିଜାଇନ ବିଭାଗରେ ଥିବା ହେତୁ ଠିକାସଂସ୍ଥାଗୁଡ଼ିକ ଉପରେ ନିର୍ଭର କରାଯାଉଛି ବୋଲି କୁହାଯାଇଛି।

# ଯୋଗ ଦେଲେ ନାହିଁ ବରୀ ବ୍ଲକ୍ ଅଧ୍ୟକ୍ଷ



ପଞ୍ଚାୟତ ଦିବସ କାର୍ଯ୍ୟକ୍ରମରେ ବିଧାୟିକା ଓ ଅନ୍ୟମାନେ।

**ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ**

ବରୀ,୬।୩(ଡି.ଏନ.ଏ.):

ରବିବାର ପଞ୍ଚାୟତିରାଜ ଦିବସ ସାରା ରାଜ୍ୟରେ ପାଳନ ହୋଇଥିଲା। ଯାଜପୁର ଜିଲା ବରୀ ବ୍ଲକ୍ କାର୍ଯ୍ୟାଳୟ ଏଥିରୁ ବାଦ୍ ପଡି ନ ଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ୍‌ର ଅଧକ୍ଷ ଅଶୋକ କୁମାର ଗେଡି ଯୋଗ ନ ଦେବା ଘଟଣାକୁ ନେଇ ନାନା ଚର୍ଚ୍ଚା ଜୋର ଧରିଛି।

ବରୀର ବିଧାୟିକା ଭାବେ ସୁନନ୍ଦା ଦାସ ବିଜେଡି ଟିକେଟ୍‌ରୁ ନିର୍ବାଚିତ ହେବା ପରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀମାନେ ଭାଜପା ଛାଡି ଶାସକ ଦଳରେ ଯୋଗଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଉଭୟ ସୁନନ୍ଦା ଓ ବିଶ୍ୱ ରଞ୍ଜନ ମଲ୍ଲିକ ଗୋଟିଏ ଦଳରେ ଥାଇ ମଧ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଉକ୍ତ ବ୍ଲକ୍‌ର ୨୯ ପଞ୍ଚାୟତରେ ସମାନ୍ତାରଳ ପ୍ରାର୍ଥୀ ଦେଇଥିଲେ। ମାତ୍ର ବିଶ୍ୱ ରଞ୍ଜନଙ୍କ ସମର୍ଥିତ ସମିତି ସଭ୍ୟା,ସଭ୍ୟ ଅଧିକ ସଂଖ୍ୟାରେ ବିଜୟ ଲାଭ କରିଥିବାରୁ ତାଙ୍କ ସମର୍ଥିତ ଅଶୋକ କୁମାର ଗେଡି ବରୀ ବ୍ଲକ୍‌ର ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଅପରପକ୍ଷେ ରାଜନୈତିକ ଗୋଟି ଚାଳନାରେ ଦକ୍ଷ ବିଧାୟିକା ଦାସ ନିଜର ସମର୍ଥିତ ଉପାଧକ୍ଷା ଭାବେ ଅର୍ଚ୍ଚନା ମଲିକଙ୍କୁ ବିଜୟ କରିବାରେ ସମର୍ଥ ହୋଇଥିଲେ। ଭାଜପା ଶୂନ୍ୟ ବରୀକୁ ଆଖି ଆଗରେ ରଖି ରାଜ୍ୟ ନେତୃତ୍ୱ ଉଭୟ ସୁନନ୍ଦା ଓ ବିଶ୍ୱଙ୍କୁ ଗୋଟିଏ ଦଳରେ ସାମିଲ କରିଥିଲେ ମଧ ସେମାନଙ୍କ ମଧରେ ସମନ୍ୱୟ ନ ରହିବା ଯୋଗୁ ନାନା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ରବିବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ବିଧାୟିକା ଦାସ ଓ ତାଙ୍କ ସମର୍ଥକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ମଧ୍ୟ ଅଧ୍ୟକ୍ଷ ଗେଡି ଅନୁପସ୍ଥିତ ଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। କେବଳ ଏତିକି ନୁହେଁ ବିଧାୟିକାଙ୍କ ନେତୃତ୍ୱରେ କରାଯାଉଥିବା କାର୍ଯ୍ୟକ୍ରମରେ ବିଶ୍ୱ ରଞ୍ଜନଙ୍କ ସମର୍ଥକମାନେ ଯୋଗ ଦେଉ ନ ଥିବା ଚର୍ଚ୍ଚା ଜୋର ଧରିଛି।

ଏ ସଂକ୍ରାନ୍ତରେ ଅଧ୍ୟକ୍ଷ ଗେଡିଙ୍କୁ ପ୍ରଶ୍ନ କରାଯିବାରୁ ବ୍ଲକ୍ ପ୍ରଶାସନ ପକ୍ଷରୁ ମୋତେ ନିମନ୍ତ୍ରଣ କରାଯାଇଥିଲା। ବିଡିଓ ବି ମୋତେ ଫୋନ୍ କରି କାର୍ଯ୍ୟକ୍ରମରେ ଯୋଗଦେବାକୁ କହିଥିଲେ। ହେଲେ ମୋର ବ୍ୟକ୍ତିଗତ କାମ ଥିବାରୁ ମୁଁ ଯୋଗଦେଇ ପାରିନାହିଁ ବୋଲି କହିଛନ୍ତି।

## ତହସିଲ ପକ୍ଷରୁ ଚଢଉ: ୬ ଗାଡ଼ି, ଜେସିବି ଜବତ

ଧର୍ମଶାଳା,୬।୩(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ ପାଖର ମୌଜାରୁ ବେଆଇନ ଭାବେ ମାଟି ପରିବହନ କରୁଥିବା ୬ ହାଇୱା ଓ ଗୋଟିଏ ଜେସିବି ମେଶିନକୁ ଜବତ କରାଯାଇଛି। ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ନିୟୋଜିତ ଠିକାଦାର ତହସିଲରୁ ଅନୁମତି ନ ନେଇ ପାଖର ମୌଜାରେ ଥିବା ଏକ ସରକାରୀ ଜମିରୁ ମାଟି ଉଠାଇ ବ୍ୟବହାର କରୁଥିଲେ। ଖବର ପାଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଆରଆଇ ଚନ୍ଦନ କୁମାର ସାହୁ, ବିରଞ୍ଚି କୁମାର ବୋଇତେଇ, ମାନସ କୁମାର ବେଜ ଓ ଏଆରଆଇ ଜଗବନ୍ଧୁ ଜେନା ସୋମବାର ଭୋର ସମୟରେ ପୋଲିସ ଟିମ ସହାୟତାରେ ସେଠାରେ ଚଢାଉ କରିଥିଲେ। ଏହି ସମୟରେ ସେଠାରେ ମାଟି ବୋଝେଇ ହୋଇଥିବା ୬ ହାଇୱା ଓ ଗୋଟିଏ ଜେସିବି ଜବତ କରିଥିଲେ। ୩ ହାଇୱାର ଡ୍ରାଇଭର ଫେରାର ହୋଇଯାଇଥିବାରୁ ତହସିଲ ପକ୍ଷରୁ ସେମାନଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି। ଜବତ ଗାଡ଼ିଗୁଡିକ ତହସିଲ କାର୍ଯ୍ୟାଳୟରେ ରଖାଯାଇଛି। ସୂଚନାଯୋଗ୍ୟ, ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ନିୟୋଜିତ ଠିକାଦାର ରାସ୍ତାର ପାର୍ଶ୍ୱରୁ ବେଆଇନ ଭାବେ ମାଟି ଓ ମୋହରମ ଉତ୍ତୋଳନ କରି ରାସ୍ତା କାମରେ ବ୍ୟବହାର କରୁଛନ୍ତି। ଏଥିପାଇଁ ତହସିଲ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି ବୋଲି ଅଭିଯୋଗ ହୋଇଛି।

## ୧୫ରୁ ଡ୍ରାଇଭର ସଂଘ ପକ୍ଷରୁ ଅଖଚକ ବନ୍ଦ ଆନ୍ଦୋଳନ

କାଳିଆପାଣି,୬।୩(ଡି.ଏନ୍.ଏ.)

ଯାଜପୁର ଜିଲା କାଳିଆପାଣି ଥାନାରେ ଡ୍ରାଇଭର ମହାସଂଘ ପକ୍ଷରୁ ଅଖଚକ ବନ୍ଦ ଆନ୍ଦୋଳନ କରିବା ପାଇଁ ଲିଖିତ ଭାବେ ସୂଚନା ଦିଆଯାଇଛି। ଡ୍ରାଇଭର୍ ମହାସଂଘର ସମ୍ମାନ, ସୁରକ୍ଷା, ଅଧିକାର ପରି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ତେବେ ରାଜ୍ୟ ସରକାର ଡ୍ରାଇଭର ମହାସଂଘ କଥା ଶୁଣୁ ନାହାନ୍ତି। ଏହାକୁ ବିରୋଧ କରି ରାଜ୍ୟ ସାରା ଆସନ୍ତା ୧୫ ତାରିଖରୁ ଧର୍ମଘଟ କରାଯିବ। ଏଥିରେ ଅଖଚକ ବନ୍ଦ କରାଯିବ ବୋଲି ସୋମବାର କାଳିଆପାଣି ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭକ୍ତବତ୍ସଳ



@ ଦିବ୍ୟଶ୍ରୀ



@ ସାହିଲ



@ ପିଣ୍ଟୁ



@ ପ୍ରୀତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳିଙ୍ଗନଗର ଟାଟା ଷ୍ଟିଲ୍‌ର ପ୍ରତିଷ୍ଠାତା ଦିବସ



ଟାଟା ଷ୍ଟିଲ୍‌ର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀ

ଯାଜପୁର ଅଫିସ, ୬।୩

ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ କଳିଙ୍ଗନଗର କାରଖାନାରେ ଜେ. ଏନ୍. ଟାଟାଙ୍କ ୧୮୪ତମ ଜୟନ୍ତୀକୁ ପ୍ରତିଷ୍ଠାତା ଦିବସ ଭାବେ ପାଳନ କରାଯାଇଛି। ଭେଣ୍ଡର ପାର୍ଟନର କର୍ମଚାରୀମାନଙ୍କ ପାଇଁ ଇଞ୍ଜିନିୟରିଂ ଆଣ୍ଡ୍ ପ୍ରୋଜେକ୍ଟସ୍ ଟିମ୍ ପକ୍ଷରୁ ଏକ ୫ କି.ମି. ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଟିଏସ୍‌କେର ଗ୍ରୀନ୍ ଟ୍ରାନ୍ସପୋର୍ଟ ଲଜିଷ୍ଟିକ୍ ପାର୍କ ନିକଟରୁ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ବିଭିନ୍ନ ଭେଣ୍ଡର ପାର୍ଟନର ପକ୍ଷରୁ ୩୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହାପରେ କର୍ମଚାରୀମାନଙ୍କ ଦ୍ୱାରା ଏକ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ପ୍ରୋଜେକ୍ଟସ୍ ଅଫିସ୍‌ରୁ ଆରମ୍ଭ ହୋଇ ଟିଏସ୍‌କେ ସେଣ୍ଟରରେ ଶେଷ ହୋଇଥିଲା। ଏଥିରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଜେ.ଏନ୍. ଟାଟାଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଗୋବରଘାଟି ଫେଜ୍-୨ ପଡ଼ିଆରେ ଟାଟା ପରିବାର ପକ୍ଷରୁ ଆନ୍ତଃ କଲୋନୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ ଆୟୋଜିତ ହୋଇଥିଲା।

## ରେଳଷ୍ଟେଶନରେ ୨ କୋଇଲା ବଗିରେ ନିଆଁ

କଳିଙ୍ଗନଗର,୬।୩(ଡି.ଏନ୍.ଏ.)

ସୋମବାର ରାତ୍ର ୮.୨୫ମିନିଟରେ ଯଖପୁରାରୁ ଖଡ଼ଗପୁର ଅଭିମୁଖେ ଯାଉଥିବା କୋଇଲା ବୋଝେଇ ମାଲବାହୀ ଟ୍ରେନରେ ନିଆଁ ଲାଗିଯାଇଥିଲା। ଟ୍ରେନଟି ଯାଜପୁର କେନ୍ଦୁଝର ରୋଡ ରେଳଷ୍ଟେଶନର ୧ ନଂ.ପ୍ଲାଟଫର୍ମରେ ଛିଡା ହୋଇଥିବା ସମୟରେ ଏଭଳି ଦୁର୍ଘଟଣା ଘଟିଥିଲା। ୫୯ଟି ବଗିନେଇ ଯାଉଥିବା ମାଲଗାଡିର ମଧ୍ୟବର୍ତ୍ତୀ ୨ ବଗିରେ ନିଆଁଲାଗି ଧୂଆଁ ବାହାରୁଥିବାର ଦେଖି ପ୍ରତ୍ୟକ୍ଷଦର୍ଶୀ ଷ୍ଟେଶନ ମାଷ୍ଟରଙ୍କୁ ଅବଗତ କରାଇଥିଲେ। ଷ୍ଟେଶନମାଷ୍ଟର ଯାଜପୁର ରୋଡ ଅଗ୍ନିଶମ ବିଭାଗକୁ ନିଆଁ ଲାଗିଥିବା ଖବର ଜଣାଇଥିଲେ। ଯାଜପୁର ରୋଡ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଭାକର ସାହୁ ଏବଂ ତାଙ୍କ ସହକର୍ମୀମାନେ ତୁରନ୍ତ ରେଳଷ୍ଟେଶନରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ଫଳରେ ଏକ ବଡଧରଣର ଦୁର୍ଘଟଣା ଟଳିଯାଇଥିଲା। ଏଥିପାଇଁ ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି ଡାଉନ ଲାଇନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ଅନ୍‌ଲାଇନ ଗେମ୍‌ରେ ହାରିବା ପରେ ଚୋରି

**ଅଭିଯୁକ୍ତ ଗିରଫ, ଲକ୍ଷାଧିକ ଟଙ୍କା ଜବତ**

କାଳିଆପାଣି,୬।୩(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା।

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ କାଙ୍କଡ଼ପାଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଲୁଟ୍ ହୋଇଥିବା ସାମଗ୍ରୀକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ପୋଲିସ ପକ୍ଷରୁ ଥାନାରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟସ ଟପୋ ଏଥିରେ ଯୋଗ ଦେଇ ସୂଚନା ଦେଇଥିଲେ। ସୁକିନ୍ଦା ଖଣି ଅଞ୍ଚଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। କଙ୍କଡ଼ପାଳ ଗାଁରେ ଥିବା କାର୍ଯ୍ୟାଳୟରୁ ଶୁକ୍ରବାର ଆଇରନ ଚେଷ୍ଟ ସହ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଜଳ ଯୋଗାଣରେ ନିୟୋଜିତ ନାଗାର୍ଜୁନ କମ୍ପାନୀର ପରିଚାଳକ ବଲାଇ ଚନ୍ଦ୍ର ପାଲଙ୍କ ଅଭିଯୋଗ କ୍ରମେ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଏହାର ତଦନ୍ତ କରୁଥିଲେ। କମ୍ପାନୀରେ ପମ୍ପ ଅପରେଟର ଭାବେ କାମ କରୁଥିବା ସେହି ଗାଁର ସୂର୍ଯ୍ୟକାନ୍ତ ପରିଡ଼ାଙ୍କୁ ଗିରଫ କରି ତାଙ୍କ ନିକଟରୁ ୧ ଲକ୍ଷ ୩୩ ହଜାର ୬୭୯ ଟଙ୍କା ସହ ଆଇରନ ଲକର, ଚେକ ବୁକ ଓ ଚୋରିରେ ବ୍ୟବହୃତ ଲୁହା ରଡ଼କୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣେ ପେଷାଦାର ଅନଲାଇନ ଗେମ ଜୁଆଡ଼ି ବୋଲି ଜଣାପଡ଼ିଛି। ନିକଟରେ ସେ ଅନଲାଇନ ଗେମ ଖେଳି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରାଇଥିଲେ। ଏହାକୁ ଭରଣା କରିବାକୁ ସେ ଟଙ୍କା ଲୁଟ୍ କରିଥିଲେ। ଆଇରନ ଚେଷ୍ଟ ଟିକୁ ଖୋଲି ପାରିନଥିବାରୁ ଅଫିସ୍ ପଛ ପଟେ ଥିବା ପଡ଼ିଆରେ ଲୁଚାଇ ରଖିଥିଲେ, ଯାହାକୁ ପୋଲିସ ଜବତ କରିଛି।

## ଫାଇନାଲରେ ଗଣ୍ଡରପୁର ଏଫ୍‌ସି

ଧର୍ମଶାଳା,୬।୩(ଡି.ଏନ.ଏ.)

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ଅଷ୍ଟମ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱର ଗଣ୍ଡରପୁର ଏଫସି ୧-୦ ଗୋଲରେ ଶବର କ୍ଲବ ଖୋର୍ଦ୍ଧାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଗଣ୍ଡରପୁର ଏଫ୍‌ସିର ଚନ୍ଦନ ନାୟକ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଗଣ୍ଡରପୁର ଏଫ୍‌ସି ୧-୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ନବରଞ୍ଜନ ପଟ୍ଟନାୟକ ଓ କ୍ରୀଡାବିତ୍ ଅକ୍ଷୟ କୁମାର ନାୟକ ଯୋଗଦେଇଥିଲେ। ବିଜୟ କୁମାର ମଙ୍ଗରାଜ ମ୍ୟାଚକୁ ପରିଚାଳନା କରିଥିଲେ।

# କୁକୁର ଆକ୍ରମଣରେ ହରିଣ ମୃତ

ଚଣ୍ଡିଖୋଲ,୬।୩(ଡି.ଏନ୍.ଏ.)



ପାଣି ପାଇଁ ଗାଁ ମୁହାଁ ହୋଇଥିବା ଏକ ହରିଣକୁ ବୁଲା କୁକୁରମାନେ ଆକ୍ରମଣ କରି ମାରିଦେଇଛନ୍ତି। ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ କପାଷ୍ଟିକିରି ଗାଁରେ ସୋମବାର ଏଭଳି ଘଟଣା ଘଟିଛି। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ମୃତ ହରିଣକୁ ଜବତ କରିଛନ୍ତି। ପରେ ଛତିଆ ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ତାହାକୁ ପୋତି ଦିଆଯାଇଛି।

ସମ୍ପ୍ରତି ତାପମାତ୍ରା ବଢ଼ିବା ସାଙ୍ଗକୁ ଜଙ୍ଗଲରେ ପାଣିର ଅଭାବ ଦେଖାଦେଲାଣି। ଫଳରେ ବନ୍ୟପ୍ରାଣୀ ଜନବସତି ମୁହାଁ ହେଉଛନ୍ତି। ଫଳରେ ସେମାନେ ଦୁର୍ଘଟଣା ଏବଂ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଅଧିକାଂଶ ସମୟରେ ଏପରି ଘଟଣା ଘଟୁଥିଲେ ମଧ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ରେଞ୍ଜର ଅଭିରାମ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ଖରାଦିନ ଆସିଲେ ହରିଣମାନେ ପାଣି ଅନ୍ୱେଷଣରେ ଜଙ୍ଗଲରୁ ବାହାରକୁ ପଳାଇ ଆସନ୍ତି। ସେମାନେ ରାସ୍ତା ଓ ରେଳ ପଥ ଉପରକୁ ମଧ ଚାଲି ଆସନ୍ତି। କେତେକ ସ୍ଥାନରେ ବନବିଭାଗ ପକ୍ଷରୁ ଜଙ୍ଗଲରେ ପାଣିର ବ୍ୟବସ୍ଥା କରାଯାଇଛି। ବଡ଼ବଡ଼ କୁଣ୍ଡରେ ଜଙ୍ଗଲରେ ପାଣି ରଖାଯାଇଛି। ତାହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଏବେ ଜଙ୍ଗଲ ସଂଲଗ୍ନ ଗାଁ ପାଖରେ ବୁଲୁଥିବା କୁକୁରଙ୍କ ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କୁଜଙ୍ଗର ପ୍ରସିଦ୍ଧ ରାଜାଘର ମେଳଣ

କୁଜଙ୍ଗ,୬।୩ (ଡି.ଏନ୍.ଏ.): ଦୋଳ ପୂର୍ଣ୍ଣିମା ଅବସରରେ କୁଜଙ୍ଗ ମେଳଣ ପଡିଆରେ ଐତିହାସିକ ରାଜାଘର ମେଳଣ ମହାସମାରୋହରେ ପାଳିତ ହୋଇଯାଇଛି। ୩୬ରୁ ଉର୍ଦ୍ଧ୍ୱ ଦୋଳ ବିମାନ ରୋଶଣୀ ଶୋଭାଯାତ୍ରାରେ କୁଜଙ୍ଗ ବଜାର ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ । ଏହି ଅବସରରେ ଗୋପୀନାଥ ଜୀଉ, ରଘୁନାଥ ଜୀଉ, ବଳଦେବ ଜୀଉମାନଙ୍କୁ ସାଜସଜ୍ଜା କରାଯାଇଥିଲା । ଏହି ଦୋଳ ମେଳଣରେ କେନ୍ଦ୍ରାପଡା ଜିଲାର ପ୍ରସିଦ୍ଧ ମା'ରାମଚଣ୍ଡୀ ନାନା ଅଳଙ୍କାରରେ ଭୂଷିତ ହୋଇ କୁଜଙ୍ଗ କୋର୍ଟ ଛକରେ ପହଁଞ୍ଚିବାପରେ ତାଙ୍କୁ ଦର୍ଶନ କରିବାକୁ ପ୍ରବଳ ଜନସମାଗମ ହୋଇଥିଲା । ମେଳଣ ଉପଲକ୍ଷେ ମଧ ଜଗନ୍ନାଥ ଠାକୁରବାଡି ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କୁଜଙ୍ଗ ଅଞ୍ଚଳର ବିଭିନ୍ନ ବ୍ୟବସାୟୀ ସଂଘ, ବୁଦ୍ଧିଜୀବୀମାନେ ସହଯୋଗ କରିଥିଲେ ।

### କାର୍-ବାଇକ ମୁହାଁମୁହିଁ ଧକ୍କା : ଜଣେ ଗୁରୁତର

କୁଜଙ୍ଗ, ୬।୩ (ଡି.ଏନ୍.ଏ.) କୁଜଙ୍ଗ ଥାନା ଅନ୍ତର୍ଗତ ୫୫ ନଂ. ଜାତୀୟ ରାଜପଥ ଗୁରୁଗୁରିଆ ଛକଠାରେ ସୋମବାର ସନ୍ଧ୍ୟାରେ କାର୍ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସେ ହେଲେ ଏହି ଥାନା ଅନ୍ତର୍ଗତ ନଛିପରା ଗ୍ରାମର ଅଙ୍କୁର ସ୍ୱାଇଁ (୪୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅଙ୍କୁର ଏରସମାରୁ କାମସାରି ବାଇକ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ କୁଜଙ୍ଗ ଏରସମା ଅଭିମୁଖେ ଯାଉଥିବା ଏକ କାର୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଙ୍କୁର ଗୁରୁତର ହୋଇଛନ୍ତି। ଖବରପାଇ କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛି।

### ଶାରଳା ଦାସ ଓଡ଼ିଆ ଭାଷା ସାହିତ୍ୟର ଆଦି ସ୍ରଷ୍ଟା

ତିର୍ତ୍ତୋଲ,୬।୩ (ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଅଧୀନ କଟକ ପାରାଦୀପ ରାସ୍ତା ପାର୍ଶ୍ୱ ଶାରଳା ରୋଡ୍‌ଠାରେ ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି ସୋମବାର ଉନ୍ମୋଚିତ ହୋଇଯାଇଛି। ସାରଳା ଦାସ ସ୍ମୃତି ସଂସଦ ଏବଂ ସାରଳା ଦାସ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ଏହିକାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକଡ଼ି ହୋତା ଏଥିରେ ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲୋକ ସେବକ ମଣ୍ଡଳର ଓଡ଼ିଶା ଶାଖା ଅଧକ୍ଷ ନିରଞ୍ଜନ ରଥ ଯୋଗଦେଇ ସାରଳା ଦାସଙ୍କୁ ଓଡ଼ିଆ ଭାଷା ସାହିତ୍ୟର ଆଦିସ୍ରଷ୍ଟା ବୋଲି ମତ ପୋଷଣ କରିଥିଲେ। ମୁଖ୍ୟ ବକ୍ତାଭାବେ ଏମ୍ବର ପୂର୍ବତନ ଅଧକ୍ଷ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉତ୍କଳ ଉନ୍ନୟନ ନ୍ୟାସ ମଣ୍ଡଳର ସଭାପତି ସୀତା ବଲ୍ଲଭ ମହାପାତ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ, ଝଙ୍କଡ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗୋଲେଖ ବିହାରୀ ପଲାଇ, ଶାରଳା ସ୍ମୃତି କମିଟିର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ହରିଣ ଗାଁମୁହାଁ

■ ଗ୍ରାମବାସୀ ଜମ୍ବୁ କେନାଲରୁ ଉଦ୍ଧାର କଲେ
■ ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଲା

ମହାକାଳପଡ଼ା,୬।୩ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଉପକୂଳ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଓ ଜଙ୍ଗଲୀ ପ୍ରାଣୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁନ୍ଦେ ପାଣି ପାଇଁ ସୋମବାର ମହାକାଳପଡ଼ା ବନାଞ୍ଚଳ ଅଧୀନ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲର ପାରେଶ୍ୱରପୁର (ବାଲିଗଣ୍ଡ) ଜେନାସାହି ନିକଟରେ ଏକ ହରିଣକୁ କେନାଲ ଦଳ ମଧ୍ୟରୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଖବରପାଇ ଜମ୍ବୁ ବନ ବିଭାଗ କର୍ମଚାରୀ ଫରେଷ୍ଟର ମହନ୍ତ କୁମାର ମଲିକ, ପ୍ରଶାନ୍ତ କୁମାର ମହାନ୍ତି, ରଞ୍ଜିତ ସ୍ୱାଇଁ ଓ ସାଧନ ମଣ୍ଡଳ ପ୍ରମୁଖ ପହଞ୍ଚି ହରିଣକୁ ହେପାଜତକୁ ନେଇଥିଲେ। ଏହି ମା' ହରିଣଟି ୩୦ କିଲୋରୁ ଅଧିକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପରେ ଜମ୍ବୁ ଘାଟରୁ କର୍ମଚାରୀମାନେ ଏକ ସ୍ୱତନ୍ତ୍ର ବନ ବିଭାଗ ବୋଟ ଯୋଗେ ନିକଟ ଭିତର ଖରିନାସୀ ସଂରକ୍ଷିତ ଜଙ୍ଗଲରେ ହରିଣକୁ ଛଡ଼ି ଦେଇଛନ୍ତି।

ଚଳିତବର୍ଷ ଫେବୃୟାରୀ ଓ ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଫଳରେ ଜଙ୍ଗଲୀ ପ୍ରାଣୀମାନେ ଖାଦ୍ୟ ଓ ପାଣି ପାଇଁ ଜନବସତି ଅଭିମୁଖେ ପଳାଇ ଆସୁଛନ୍ତି। ଏଥିଯୋଗୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପରିବେଶବିତ୍ ସୁବାସ ସ୍ୱାଇଁ କୁହନ୍ତି, ସଂରକ୍ଷିତ ଜଙ୍ଗଲରେ ପୋଖରୀ ଖନନ ପାଇଁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନି। ଯଦି ଜଙ୍ଗଲଗୁଡ଼ିକରେ ପୋଖରୀ ଖନନ କରାଯାନ୍ତା ତେବେ ବନ୍ୟପ୍ରାଣୀ ମଧୁର ପାଣି ପିଇ ଜୀବନ ବଞ୍ଚାଇ ପାରନ୍ତେ। ପରିବେଶବିତ୍ ସମରେନ୍ଦ୍ର ମାହାଳୀ କୁହନ୍ତି, ବନ ବିଭାଗ ପକ୍ଷରୁ କଂସାରଡିଆ ସଂରକ୍ଷିତ ଜଙ୍ଗଲ, ହେଟା ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ, କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ, ଜମ୍ବୁ ଝାଉଁ ଜଙ୍ଗଲରେ ପୋଖରୀ ଖନନ କରାଗଲେ ଜଙ୍ଗଲୀ ପ୍ରାଣୀ ଗାଁକୁ ଆଉ ଆସନ୍ତେ ନାହିଁ। ତେଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପୋଖରୀ ଖୋଳିବାକୁ ସେ ଦାବି କରିଛନ୍ତି। ଏ ନେଇ ମହାକାଳପଡ଼ା ରେଞ୍ଜ ଅଧିକାରୀ ଚିତ୍ତରଞ୍ଜନ ବେଉରାଙ୍କୁ ପଚାରିବାରେ ଉଦ୍ଧାର ହୋଇଥିବା ହରିଣକୁ ନିକଟ ସଂରକ୍ଷିତ ଜଙ୍ଗଲରେ ମୁକ୍ତ କରଯାଇଛି। ଜଙ୍ଗଲରେ ପୋଖରୀ ଖନନ ନେଇ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଚଳିତବର୍ଷ ଅଧିକ ଉତ୍ତାପ ହେଉଛି। ଚଳିତ ଖରାଦିନରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବନ୍ୟପ୍ରାଣୀ ତୃଷା ମେଣ୍ଟାଇବାକୁ ଅସ୍ଥାୟୀ ଭାବେ ଚୁଆ ଖୋଳିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ହରିଣକୁ ଉଦ୍ଧାର ପରେ ବୋଟ୍ ଯୋଗେ ଜଙ୍ଗଲରେ ଛାଡିବାକୁ ନିଆଯାଉଛି।

# ଡେରାବିଶର ପ୍ରସିଦ୍ଧ ରାଜନଗର, କସ୍ବା ମେଳଣ ଶେଷ

ଡେରାବିଶ, ୬।୩(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ କସ୍ବା ମେଳଣ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ସେହିପରି ରବିବାର ରାତିରେ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ରାଜନଗରଠାରେ ମେଳଣ ଶେଷ ହୋଇଯାଇଛି। ଆଳି ରାଜାଙ୍କ ରାଜା ରାଜୁଡ଼ା ଶାସନ ସମୟରୁ ଏହି ୨ଟି ମେଳଣ ହୋଇ ଆସୁଥିବା ବେଳେ ବ୍ଲକ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ବିଧି ଓ ପରମ୍ପରା ଅନୁଯାୟୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମେଳଣକୁ ରାଜନଗରରୁ ଏକ ପଞ୍ଚମୁଖି ବିମାନରେ ଠାକୁର ଶ୍ରୀରାଧାକାନ୍ତଜୀଉ ପଟୁଆର ଆସୁଥିବା ବେଳେ ଅନ୍ୟ ଏକ ସୁସଜ୍ଜିତ ବିମାନରେ ଡେରାବିଶର ଆରାଧ ଶ୍ରୀଦଧିବାମନଜୀଉ ମନ୍ଦିରରୁ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ବିଜେ ପ୍ରତିମା ଘଣ୍ଟ କିର୍ତ୍ତନ ପଟୁଆରରେ ମେଳଣ ପଡିଆରେ ପ୍ରବେଶ କରିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମାଟି ନିର୍ମିତ କନକ ବେଦିରେ ଉଭୟ ବିମାନ ଉପବେଶନ ପରେ ମେଳଣ ପଡ଼ିଆର ଅନ୍ୟ ଦ୍ୱାର ଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ଅନ୍ୟ ଦୋଳ ବିମାନ ପ୍ରବେଶ କରି ଆସ୍ଥାନରେ ଉପବେଶନ କରିଥିଲେ। ସେହିପରି ସୋମବାର ଅପରାହ୍ନରେ ଗୋଲରାହାଟ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଥିବା କସ୍ବା ମେଳଣରେ ପ୍ରଥମେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସୁସଜ୍ଜିତ ଦୋଳ ବିମାନ ଓ ରାଜନଗରର ପଞ୍ଚମୁଖି ଦୋଳ ବିମାନ ଉପବେଶନ କରିବା ପରେ ଅନ୍ୟ ଦୋଳବିମାନ ମେଳଣ ପଡିଆରେ ପ୍ରବେଶ କରିଥିଲେ। ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ମାଟିହାଣ୍ଡିରେ ପ୍ରସ୍ତୁତ ଭୋଗ ନୈବିଦ୍ୟ ହେବା ପରେ ମେଳଣ ସମାପ୍ତ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଡେରାବିଶ ଥାନା ପକ୍ଷରୁ ଉଭୟ ମେଳଣ ପଡିଆରେ ବ୍ୟାପକ ପୋଲିସର ବ୍ୟବସ୍ଥା କରାଯାଇଥିଲା। ସେହିପରି ଉକ୍ତ ମେଳଣ ପରିଚାଳନାରେ ମେଳଣ କମିଟିର ବିଜୟ ମଲ୍ଲିକ, କରୁଣାକର କର, ନାରାୟଣ ସାହୁ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ପ୍ରମୁଖ ଉଭୟ ସ୍ଥାନର ଅଞ୍ଚଳବାସୀମାନେ ସହଯୋଗ କରିଥିଲେ।


ମେଳଣକୁ ଆସୁଥିବା ବିମାନ।

# କେନ୍ଦ୍ରାପଡ଼ା ବାର୍ ଆସୋସିଏଶନ ପାଇଁ ନାମାଙ୍କନପତ୍ର ଦାଖଲ

କେନ୍ଦ୍ରାପଡ଼ା ଅଫିସ, ୬।୩

କେନ୍ଦ୍ରାପଡ଼ା ଜିଲା ବାର ଆସୋସିଏଶନ ନିର୍ବାଚନ ଆସନ୍ତା ୨୫ରେ ଅନୁଷ୍ଠିତ ହେବ। ଏହି ନର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସୋମବାର ଶେଷ ହୋଇଛି। ନିର୍ବାଚନରେ ମୋଟ ୧୮ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଥିବା ନିର୍ବାଚନ ଅଧୀକାରୀ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ପତ୍ରୀ ସୂଚନା ଦେଇଛନ୍ତି। ନିର୍ବାଚନ ଅଧିକାରୀ ପତ୍ରୀଙ୍କ ସୂଚନା ଅନୁଯାୟୀ, ସଭାପତି ପଦ ପାଇଁ ବିଚିତ୍ରାନନ୍ଦ ମହାନ୍ତି, ଗୁରୁପ୍ରସାଦ ମହାପାତ୍ର, ନିରଞ୍ଜନ ଗୋଚ୍ଛାୟତ ଓ ପ୍ରଦୀପ କୁମାର ଦାଶ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ହାଡିବନ୍ଧୁ ସିଂହ ଓ ପ୍ରଭାତ କୁମାର ପ୍ରଧାନ, ସମ୍ପାଦକ ପାଇଁ ଧନୁର୍ଦ୍ଧର ନାୟକ ଓ ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ ପାଇଁ ପ୍ରତାପ ଚନ୍ଦ୍ର ଦାସ ଓ ସୁଧୀର କୁମାର ପଣ୍ଡା, ସହ ଯୁଗ୍ମ ସମ୍ପାଦକ ପାଇଁ ପବିତ୍ର କୁମାର ପରିଡା ଓ ସମର କେଶରୀ ମହାପାତ୍ର, କୋଷାଧକ୍ଷ ପାଇଁ ଦିବ୍ୟଶଙ୍କର ଦ୍ୱିବେଦୀ ଓ ତାରିଣୀ କୁମାର ପାଟଯୋଶୀ, ପୁରୁଷ ସଭ୍ୟ ପାଇଁ ଅନନ୍ତ କୁମାର ପାତ୍ର ଓ ମାନସ ରଞ୍ଜନ ଶତପଥୀ, ମହିଳା ସଭ୍ୟ ପାଇଁ ଅଞ୍ଜନା ମହାନ୍ତି ଓ ମମତାମୟୀ ସାମଲ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୦ ତାରିଖ ସୁଦ୍ଧା ଏସବୁର ଯାଞ୍ଚ ହୋଇ ୧୧ ତାରିଖରେ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇବ। ୧୨ ତାରିଖ ପ୍ରତ୍ୟାହାର ସମୟ ଶେଷ ପରେ ୧୩ ତାରିଖରେ ସମ୍ପୂର୍ଣ୍ଣ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ଏହି ନିର୍ବାଚନରେ ସହ ନିର୍ବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ଦୀଲିପ ମହାନ୍ତି, ଶାରଦ ନାୟକ, ଗଗନ ଖଟୁଆ, ଜିତେନ୍ଦ୍ର ପାଣି ଓ ରମାକାନ୍ତ କାନୁନ୍‌ଗୋ ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀ ପତ୍ରୀ ସୂଚନା ଦେଇଛନ୍ତି।

# ଭିତରକନିକା ମହୋତ୍ସବ ପାଇଁ ଅଭ୍ୟର୍ଥନା କମିଟି ବୈଠକ

ରାଜନଗର, ୬।୩ (ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ସୀମା ସରହଦରେ ଥିବା ନଳିତାପାଟିଆଠାରେ ଚଳିତମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଭିତରକନିକା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ୨୦୨୦ରେ ପ୍ରଥମ ଭିତରକନିକା ମହୋତ୍ସବ ଆୟୋଜନ କରାଯାଇଥିଲା। କୋଭିଡ ମହାମାରୀ ପାଇଁ ଏହି ମହୋତ୍ସବ ସ୍ଥଗିତ ରଖାଯାଇଥିଲା। ଭିତରକନିକା ମହୋତ୍ସବ ୨ୟ ସଂସ୍କରଣ ପାଳନ ପାଇଁ ସୋମବାର ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଅଭ୍ୟର୍ଥନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିତରକନିକା ମହୋତ୍ସବର ଆବାହକ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଭ୍ୟର୍ଥନା କମିଟିର ସମସ୍ତ ସଦସ୍ୟାସଦସ୍ୟ ଯୋଗ ଦେଇଥିଲାବେଳେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ କୁମାର ସାହୁ, ଜିଲା ପରିଷଦ ସଭ୍ୟା ଖୁମୁମିନା କୁଅଁର, ସୁରେନ୍ଦ୍ର ପ୍ରସାଦ ରାଉତ, ଉପାଧକ୍ଷ ଗଣେଶ ଗୁଡିଆ, ରାଜନଗର ବିଡିଓ ସମୀର କୁମାର ବେହେରା, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀ, ପଟ୍ଟାମୁଣ୍ଡାଇ ବିଡିଓ ଏସ୍. ସାହୁ, ରାଜନଗର ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଅନାମ ଚରଣ ନାୟକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ମହୋତ୍ସବ ସ୍ଥଳକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମରାମତି, ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ, ବିଭିନ୍ନ ସ୍ଥାନରେ ମହୋତ୍ସବର ସ୍ୱାଗତ ହୋର୍ଡିଂ ଲଗାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ମହୋତ୍ସବକୁ ପ୍ଲାଷ୍ଟିକ ମୁକ୍ତ ରଖାଯିବାକୁ ସବୁମତେ ଉଦ୍ୟମ କରାଯିବ ବୋଲି ଆବାହକ ବିଧାୟକ ସାହୁ ସୂଚନା ଦେଇଥିଲେ। ଏହି ଆଲୋଚନାରେ ଭିତରକନିକା ରେଞ୍ଜ ଅଫିସର ମାନସ କୁମାର ଦାସ ଯୋଗଦେଇଥିଲେ।



@ ଭକ୍ତବତ୍ସଳ

@ ଦିବ୍ୟଶ୍ରୀ

@ ସାହିଲ

@ ପିଣ୍ଟୁ

@ ପ୍ରୀତିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବନିର୍ମାଣ କୃଷକ ସଙ୍ଗଠନର ଗଣଧାରଣା

ରାଜନଗର, ୬।୩ (ଡି.ଏନ.ଏ.)

ଅଭାବୀ ଧାନବିକ୍ରି, ମଣ୍ଡିରେ ଚାଷୀମାନଙ୍କୁ ଶୋଷଣ, ମିଲରମାନଙ୍କ କଟନି ଛଟନି ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଜନଗର ତହସିଲ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଛି। ପୂର୍ବାହ୍ନ ୧୦ଟାରେ ତହସିଲ ସମ୍ମୁଖରେ ସଂଗଠନର ରାଜନଗର ଶାଖା ସମ୍ପାଦକ ଶତ୍ରୁଘ୍ନ ସେଠୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଓ ସଙ୍ଗଠନର କର୍ମକର୍ତ୍ତାମାନେ ଏହି ଗଣଧାରଣା ସାମିଲ ହୋଇଥିଲେ। ସଙ୍ଗଠନର ଜିଲା ଉପଦେଷ୍ଟା ଦାଶରଥି ସାହୁ, ଶ୍ରୀରାମପୁର ପଞ୍ଚାୟତ ସଂଯୋଜକ ଅନ୍ତର୍ଯ୍ୟାମୀ କୁଣ୍ଡ, ସୁବାସ ମଲ୍ଲିକ, ବଳରାମ ନାୟକ, ଗୋପାଳ ଚନ୍ଦ୍ର ନାୟକ, ଅମୂଲ୍ୟ କୁମାର ଜେନାପ୍ରମୁଖ ଯୋଗଦେଇ ସରକାରଙ୍କ କୃଷି ମାରଣ ନୀତି ବିରୋଧ କରିଥିଲେ। ପରେ ଏକ ଦାବିପତ୍ର ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପ୍ରଦାନ କରିଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ସେବା ଆରମ୍ଭ

ଜଗତ୍‌ସିଂହପୁର ଅଫିସ,୬।୩

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଣିକି ମାଗଣା ସିଟି ସ୍କାନିଂ ସୁବିଧା ଉପଲବ୍ଧ ହେବ। ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଏହାକୁ ଉଦ୍‌ଘାଟନ କରିଥିଲେ। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ କ୍ଷେତ୍ରବାସୀ ଦାଶ, ଏଡିଏମ୍‌ଓ (ମେଡିକାଲ) ଡା. ନିମାଇଁ ଚରଣ ନାୟକ, ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁ, ଡେପୁଟୀ ମ୍ୟାନେଜର ସୁକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ସିଂ ଅଫିସର ଇନଚାର୍ଜ କଲ୍ୟାଣୀ ବଳ, ଝୁଲଣା ବାରିକ, ଜ୍ୟୋତିର୍ମୟୀ ସାହୁ, ସୁପରଭାଇଜର ସୁଶାନ୍ତ ଡାଲୁଆ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପିପିପି ମୋଡ଼ରେ ଏହି ସେବା ଯୋଗାଇ ଦିଆଯାଇଛି।


ଅତିଥିମାନେ ସିଟି ସ୍କାନ୍ ସେବା ଉଦ୍‌ଘାଟନ କରୁଛନ୍ତି।

# ମିଳିତ ଜନଶୁଣାଣିରେ ୫୬ ଅଭିଯୋଗ


ଅଭିଯୋଗ ଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ।

ନାଉଗାଁ,୬।୩(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଜ୍ୟୋତି ଫେଡେରେଶନର ସମ୍ମିଳନୀ କକ୍ଷରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ଶିବିରରେ ସମୁଦାୟ ୫୬ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ୫ ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୧ ଅଭିଯୋଗ ରହିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ୨୨, ଜମିଜମା ସମସ୍ୟା ୮ଟି, ରାଶନ କାର୍ଡ ସମସ୍ୟା ୨, ପୋଲିସ ସମସ୍ୟା ୩, ଭତ୍ତା ସମ୍ପର୍କିତ ୪ ଓ ଅନ୍ୟାନ୍ୟ ୧୦ ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିମଧ୍ୟରୁ ୨ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ସେହିଭଳି ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରରେ ଏସ୍‌ପି ରାହୁଲ ପି.ଆର, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ.କଳ୍ପନାଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଜିଲା ଅଭିଯୋଗ ଅଧିକାରୀ ବିଜୟାଲକ୍ଷ୍ମୀ ନାୟକ ଶିବିର ପରିଚାଳନା କରିଥିଲେ।

# ୯ ବିଦ୍ୟାଳୟ ସମେତ ୧୦୧ଜଣଙ୍କୁ ପଟ୍ଟା ବଣ୍ଟନ

### କଣ୍ଡିରାରେ ପଲ୍ଲୀରେ ପ୍ରଶାସନ

ରାଜନଗର, ୬।୩ (ଡି.ଏନ.ଏ.)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହେମଲତା ମାହୁନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବିରରେ ୮୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ରାଶନକାର୍ଡ, ଭତ୍ତା, ପାଇଖାନା ପ୍ରଭୃତି ଯୋଜନା ପାଇଁ ଅଭିଯୋଗ ହୋଇଥିଲା। ତହସିଲଦାର ଭୂୟାଁ ହାତିଆଗଡି ପ୍ରାଥମିକ ବିଦ୍ୟାଳୟ, ଦକ୍ଷିଣଭେଡା ପ୍ରାଥମିକ ବିଦ୍ୟାଳୟ, ଯଦୁଚନ୍ଦ୍ରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଚଡଦିଆ ପ୍ରାଥମିକ ବିଦ୍ୟାଳୟ, ବାହାରଗଡ଼ ପ୍ରାଥମିକ ବିଦ୍ୟାଳୟ, ହଂସୁଆ ପ୍ରାଥମିକ ବିଦ୍ୟାଳୟ, ଚାନ୍ଦିବାଉଁଶମୂଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଢୋଲମରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପଶ୍ଚିମଭେଡା ପ୍ରାଥମିକ ବିଦ୍ୟାଳୟ ପ୍ରଭୃତି ୯ଟି ବିଦ୍ୟାଳୟ ସମେତ ୧୦୧ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ସମୀର କୁମାର ବେହେରା, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ଡା. ଆଦିତ୍ୟ କୁମାର ପ୍ରଧାନ, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏହାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆର୍‌ଏସ୍ କାଳନ୍ଦୀ ଚରଣ ବାଗ ପରିଚାଳନା କରିଥିଲେ।

## ଗାଇଡାନ୍ସ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ଓଡ଼ଗାଁ, (ସ୍ୱ.ପ୍ର.): ଓଡ଼ଗାଁ ବ୍ଲକ ରୋଡ ସାଧାରଣ ସୁବିଧା କେନ୍ଦ୍ର ତଥା ଇଣ୍ଡୋର ଷ୍ଟାଡିୟମଠାରେ ସୋମବାର ବିଶ୍ୱରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବଚବନ ପ୍ଲେ ସ୍କୁଲ ଓ ଗାଇଡାନ୍ସ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଅଧକ୍ଷ ଲୋକନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ବୈଦିକ ଓ ଶାରିରୀକ ବିକାଶ ପାଇଁ ଗୁରୁତ୍ୱାରୋପ କରିଥିଲେ। ଓଡ଼ଗାଁ କଲେଜ ଅଧାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଚେୟାରମ୍ୟାନ ଅବିନାଶ ସାହୁ ଏବଂ ନୟାଗଡ଼ ବଚବନ ପ୍ଲେ ସ୍କୁଲର ପ୍ରିନ୍ସିପାଲ ଅମୂଲ୍ୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୋଗକାରୀଙ୍କୁ ଭୟଭୀତ

**ଦଳିତ ମହିଳାଙ୍କୁ ଅମିନଙ୍କ ଜାତିଆଣ ଆକ୍ଷେପ ପ୍ରସଙ୍ଗ**

- ଘର ଭାଙ୍ଗିବା ପାଇଁ ତହସିଲଦାର ନୋଟିସ ପଠାଇଲେ
- ୬୦ ବର୍ଷ ହେଲା ସରକାରୀ ଜମିରେ ଦଳିତ ପରିବାର ରହୁଛନ୍ତି
- ନ୍ୟାୟ ପାଇଁ ଜିଲାପାଳ, ମାନବାଧିକାର କମିଶନଙ୍କୁ ଫେରାଦ

ନୟାଗଡ଼ ଅଫିସ,୬।୩

ନୟାଗଡ଼ ଜିଲା ଗଣିଆ ଥାନା ପତଣ୍ଡା ଗାଁର ବିଳାସିନି ନାୟକଙ୍କୁ ଜାତିଆଣ ଆକ୍ଷେପ ପ୍ରସଙ୍ଗରେ ଗଣିଆ ତହସିଲର ଅମିନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୋଗକାରୀଙ୍କୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଜବରଦଖଲ ଉଚ୍ଛେଦ ପାଇଁ ଗଣିଆ ତହସିଲଦାର ମାସେ ସମୟ ଦେବା ପରେ ୭୦ ବର୍ଷ ହେଲା ସରକାରୀ ଜମିରେ ରହି ଆସୁଥିବା ଦଳିତ ପରିବାର ଜିଲାପାଳ, ମାନବାଧିକାର କମିଶନଙ୍କୁ ଫେରାଦ୍ ହୋଇ ନ୍ୟାୟ ମାଗିଛନ୍ତି।

ପତଣ୍ଡା ଗାଁର ବିଳାସିନିଙ୍କ ଅଭିଯୋଗ ଅନୁସାରେ, ସ୍ୱାମୀ ବଲ୍ଲଭଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ଆବାସ ଯୋଜନାରେ ଘର କରିବାକୁ ଇଟା ପକାଇବା ଉଦ୍ଦେଶ୍ୟରେ ରୟାଲିଟି ବାନ୍ଧି ଆର୍‌ଆଇଙ୍କର ଅନୁମତି ପାଇଁ ବିଳାସିନି ପୁଅଙ୍କୁ ଆରଆଇ ଅଫିସକୁ ପଠାଇ ଥିଲେ। ଆର୍‌ଆଇ ଅନୁପସ୍ଥିତ ଥିବାବେଳେ ଗଣିଆ ତହସିଲର ଅମିନ ସୁଦୀପ ପଟ୍ଟନାୟକ ଆର୍‌ଆଇ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଇଟା ପକାଇବାକୁ ରସିଦ୍ କାଟିବାକୁ ଆସିଥିବା ନେଇ କହିବାରୁ ଏହା ଦରକାର ନାହିଁ ୨୦ ହଜାର ଲାଞ୍ଚ ଦେବାକୁ ଅମିନ କହିଥିଲେ। ଲାଞ୍ଚ ଦେବାର ଅସହାୟତା ପ୍ରକାଶ କରିବା ପରେ ଆବାସ ଯୋଜନାରେ ଘର କରିପାରିବ ନାହିଁ ବୋଲି କହିଥିଲେ। ତହସିଲଦାରଙ୍କୁ କହି ସରକାରୀ ଜମିରୁ ଘର ଭାଙ୍ଗି ଦେବେ ବୋଲି ଧମକ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଇଟା ପକାଇବା ପରେ ଅନୁମତି ନ ନେଇ ଇଟା କିପରି ପକାଉଛ କହି ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ବିଳାସିନି ଫେବୃୟାରୀ ୧୩ରେ ଗଣିଆ ଥାନାରେ ଅଭିଯୋଗ କରିବା ପରେ ୨୯୪ ଓ ୫୦୬ ଆଇପିସି, ୩(ଆଇ)(ଆର)/୩(୨)(ଆଇ)(ଏସ), ଏସସିଏସଟି ଆକ୍ଟରେ ନଂ. ୧୭/୨୩ରେ ମାମଲା ରୁଜୁ ହୋଇଛି। ନୟାଗଡ଼ ଏସ୍‌ଡିପିଓ ଓ ଏସ୍‌ପି ଘଟଣାର ତଦନ୍ତ କରିଛନ୍ତି। ତେବେ ଅମିନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପ୍ରସଙ୍ଗ ଶୀତଳଭଣ୍ଡାରରେ ରହି ଯାଇଛି। ସେପଟେ ଅମିନ ଗଣିଆ ତହସିଲଦାରଙ୍କୁ ହାତବାରିସି କରି ଧମକ ଦେଇଥିବା କଥାକୁ ସତ୍ୟ କରିବାରେ ଲାଗି ପଡ଼ିଛନ୍ତି। ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ମିଳିବା ପରେ ବିଳାସିନିଙ୍କ ଚିନ୍ତାରେ ପଡ଼ି ଯାଇଛନ୍ତି। ଅନ୍ୟପକ୍ଷେ ବିଳାସିନିଙ୍କ ଶ୍ୱଶୁର ଗୌରାଙ୍ଗ ସରକାରୀ ଜମିର ପଟ୍ଟା ପାଇବାକୁ ପୁଣି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ୭୦ ବର୍ଷ ବୟସରେ ସରକାରୀ ଜମିରୁ ଉଚ୍ଛେଦ ନ କରି ଘଟଣାର ସତ୍ୟ ଉନ୍ମୋଚନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭକ୍ତବତ୍ସଳ



@ ଦିବ୍ୟଶ୍ରୀ



@ ସାହିଲ



@ ପିଣ୍ଟୁ



@ ପ୍ରୀତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଅନ୍ତର୍ଜାତୀୟ ମହିଳା ଦିବସ

ଓଡ଼ଗାଁ, ୬।୩ (ସ୍ୱ.ପ୍ର.): ଓଡ଼ଗାଁ ନ୍ୟାୟାଳୟ ତାଲୁକା ସେବା କମିଟି ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ମହିଳା, ବାଳିକା ସେମାନଙ୍କର ସୁରକ୍ଷା ଓ ଅଧିକାର ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ରଘୁନାଥ ଜୀଉଙ୍କଠାରୁ ବାହାରି ସ୍ଲୋଗାନ ଦେଇ ଓଡ଼ଗାଁ ଏନ୍‌ଏସି କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ଏଥିରେ ୪୦ଜଣ ମହିଳାଙ୍କ ସହ କୋର୍ଟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଦେୱାନୀ କନିଷ୍ଠ ଜଜ୍, ଫୌଜଦାରୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ହରମୋହନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋଭାଯାତ୍ରାରେ ବରିଷ୍ଠ ଦେୱାନୀ ଜଜ୍ ତଥା ସହକାରୀ ଦୌରାଜଜ୍ ଶିବାଶିଷ ଗିରି, ଓଡ଼ଗାଁ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ମହିଳା, ବାଳିକାମାନଙ୍କ ବିକାଶ ଓ ସଶକ୍ତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଥାଉ କି ମାର୍ଚ୍ଚ ମାସ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଥିବା ବେଳେ ସେହିଦିନ ହୋଲି ପଡୁଥିବାରୁ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହା ପାଳନ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ଦାବି ଜୋର ଧରିଲା

ନୟାଗଡ଼ ଅଫିସ,୬।୩




ନୟାଗଡ଼ ବିକାଶ ମଞ୍ଚ, ହେମେନ୍ଦ୍ର ସେନା ପକ୍ଷରୁ ଅନୁଷ୍ଠିତ ସଭାରେ କର୍ମକର୍ତ୍ତାମାନେ।

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଓ ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଲୋଚନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିକାଶ ମଞ୍ଚ ଓ ହେମେନ୍ଦ୍ର ସେନା ପକ୍ଷରୁ ଏହି ୨ ଦାବିକୁ ଗୁରୁତ୍ୱ ଦିଆଯାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ଅବସରରେ ନୟାଗଡ଼ କେସି କ୍ଲବଠାରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାକୁ ହେମେନ୍ଦ୍ର ସେନାର ପୃଷ୍ଠ ପୋଷକ ଯୁବରାଜ ଅରଣ୍ୟ କିଶୋର ସିଂହ ଉଦ୍‌ଘାଟନ କରିଛନ୍ତି। ବିକାଶ ମଞ୍ଚର ଆବାହକ ସନ୍ତୋଷ କୁମାର ପ୍ରଧାନ, ହେମେନ୍ଦ୍ର ସେନା ସଭାପତି ଆଇନଜୀବୀ ସୌମ୍ୟ ରଞ୍ଜନ ପ୍ରଧାନ ଓ ସମ୍ପାଦକ ଶେକ ଆଜାଦ୍, ସେବା ଉତ୍ସବ ସଭାପତି ଶିବରାମ ମହାପାତ୍ର, ସଙ୍ଗଠକ ନସିର ଅହମ୍ମଦ ପ୍ରମୁଖ ଯୋଗଦେଇ ମେଡିକାଲ କଲେଜ କିପରି ନୟାଗଡ଼ ପାଇଁ ନିତାନ୍ତ ଆବଶ୍ୟକ ସେନେଇ ଟିପ୍ପଣି ରଖିଥିଲେ। ସେହିପରି ଯଦିଓ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଭଲନାହିଁ ତେବେ ଏହାର ଢ଼ାଞ୍ଚା ବଦଳାଇ ବିଶ୍ୱବିଦ୍ୟାଳୟ କରିବାକୁ ଅନୁରୂପ ଦାବି ଉଠିଥିଲା। ଏହି ୨ ଦାବି ନେଇ ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସଚିବ, ଜିଲାପାଳଙ୍କୁ ୭ ଦିନ ଭିତରେ ଅବଗତ କରାଯିବ ବୋଲି କୁହାଯାଇଛି।

ପ୍ରକାଶଥାଉ କି ୨୦୨୪ରେ ନିର୍ବାଚନ ହେବାର ଅଛି। ଯଦିଓ ଏହି ୨ ଦାବି କୌଣସି ରାଜନୈତିକ ଦଳ ପକ୍ଷରୁ କୁରାଯାଇନି ତେବେ ଏହାରି ପଛରେ ରାଜନୈତିକ ଅଭିସନ୍ଧି ଲୁଚି ରହିଛି ବୋଲି କୁହାଯାଉଛି। ଭାଜପା ନେତ୍ରୀ ତଥା କନ୍ଧମାଳର ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ସ୍ୱାମୀ କୁମାର ହେମେନ୍ଦ୍ରଙ୍କ ନାଁ ଅନୁସାରେ ହେମେନ୍ଦ୍ର ସେନା ଗଠନ କରାଯିବା, ପୁଅ ଅରଣ୍ୟ କିଶୋର ସିଂହ, ଦଳୀୟ କର୍ମୀ ଓ ନେତା ଏଥିରେ ସାମିଲ ହେବା ଚର୍ଚ୍ଚାକୁ ସତ ବୋଲି କୁହାଯାଇଛି। ତେବେ ଭାଜପା ନେତ୍ରୀ ତଥା କନ୍ଧମାଳର ପୂର୍ବତନ ଏମ୍‌ପି ସିଂ ଏହାକୁ ଅସ୍ୱୀକାର କରିଛନ୍ତି। ଏ ନେଇ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଓ ଅରଣ୍ୟ କିଶୋର ସିଂହ କୁହନ୍ତି, ନୟାଗଡ଼ ବିକାଶ ମଞ୍ଚ, ହେମେନ୍ଦ୍ର ସେନା ପକ୍ଷରୁ ଜିଲା ଓ ନୟାଗଡ଼ ସହର ବିକାଶ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ କିଛି ରାଜନୀତି ନାହିଁ। ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ କିପରି ନୟାଗଡ଼ରେ ଶୀଘ୍ର କରାଯିବ ସେନେଇ ଦଳମତ ନିର୍ବିଶେଷର ସମସ୍ତଙ୍କର ସହଯୋଗ ନେଇ କାମ କରାଯିବା ଆରମ୍ଭ ହୋଇଛି ବୋଲି ସେମାନେ କହିଛନ୍ତି।

# ନୀଳମାଧବ ଜୀଉଙ୍କ ଦୋଳ ଉତ୍ସବ, ମେଣ୍ଢାଶାଳ ପୋଡ଼ି

ଖଣ୍ଡପଡ଼ା,୬।୩(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଅନ୍ୟାନ୍ୟ ପର୍ବ ପର୍ବାଣି ଭଳି ଦୋଳ ଓ ମେଣ୍ଢାଶାଳ ପୋଡ଼ି ଉତ୍ସବ ଅନ୍ୟତମ। ଫାଲଗୁନ ଦଶମୀ ବା ଫଗୁ ଦଶମୀଠାରୁ ନୀଳମାଧବ ଜୀଉଙ୍କର ଦୋଳ ଉତ୍ସବ ଆରମ୍ଭ ହୋଇଥାଏ। ସୋମବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ସିଂହଦ୍ୱାରସ୍ଥିତ ଦୋଳବେଦିକୁ ହାନ୍ଦୋଳାରେ ବିଜେ କରାଇ ପୂଜାର୍ଚ୍ଚନା ପରେ ଠାକୁରଙ୍କ ଫଗୁ ଖେଳ ନୀତି ସମ୍ପନ୍ନ ହୋଇଥିଲା। ପରେ ଦୋଳବେଦି ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳ ଘରକୁ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ସମୟରେ ଶ୍ରୀଜୀଉଙ୍କୁ ପୋଡ଼ି ଯାଉଥିବା ଗୃହର ଚତୁଃପାର୍ଶ୍ୱରେ ୭ଥର ପରିକ୍ରମା କରାଯାଇଥିଲା। ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୁରାଣ ତଥା ଲୋକ କଥା ଅନୁଯାୟୀ, ମେଷାସୁର(ମେଣ୍ଢାସୁର)ର ଅତ୍ୟାଚାରରୁ ଲୋକମାନଙ୍କୁ ରକ୍ଷା କରିବାକୁ ଶ୍ରୀକୃଷ୍ଣ ମେଣ୍ଢାସୁରର ମୁଖ୍ୟ ଗହ୍ୱର ମଧ୍ୟକୁ ପ୍ରବେଶ କରି ମେଣ୍ଢାସୁରକୁ ବଧ କରିଥିଲେ। ଏହି ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲାଗିଥିବା ରକ୍ତ ଛିଟାକୁ ଭୂମିରେ ପଡ଼ିବାକୁ ନ ଦେଇ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବା ଅବିର ବୋଳି ଦେଇଥିଲେ। ଅତ୍ୟାଚାରୀର ବଧ ପରେ ଗୋପାଙ୍ଗନାମାନେ ଆନନ୍ଦ ବିହ୍ୱଳିତ ହୋଇ ଅସୁରର ଗୃହକୁ ପୋଡି ଦେଇଥିଲେ। ଲୋକକଥା ଅନୁଯାୟୀ ଏହାକୁ ମେଣ୍ଢାଶାଳ ପୋଡ଼ି ବୋଲି କୁହାଯାଏ।

# ଠିକାଦାରଙ୍କୁ ପ୍ରାପ୍ୟ ନ ମିଳିବାରୁ ଅସନ୍ତୋଷ

ଦଶପଲ୍ଲା,୬।୩ ( ଡି.ଏନ.ଏ.)

ଦଶପଲ୍ଲା ତହସିଲଦାରଙ୍କୁ ବହୁ ଠିକାଦାର ସୋମବାର ସେମାନଙ୍କ ପ୍ରାପ୍ୟ ପାଇ ନ ଥିବାରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଦଶପଲ୍ଲା ଏନ୍‌ଏସିରେ କାର୍ଯ୍ୟ କରୁଥିବା ବହୁ ଠିକାଦାର କାର୍ଯ୍ୟ କରିଥିଲେ ମଧ୍ୟ ସେମାନେ ପ୍ରାପ୍ୟ ପାଇନାହାନ୍ତି, କନିଷ୍ଠ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ସେମାନେ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ମାମଲା ଚାଲୁ ରହିଛି। ୨୦୨୧ରୁ ଠିକାଦାରମାନେ କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମୟରେ ଏକ ବୈଠକ ବସି ୭ ଦିନ ମଧ୍ୟରେ ଦେୟ ମିଳିବ ବୋଲି କୁହାଯାଇଥିଲେ ମଧ୍ୟ କୌଣସି ପ୍ରାପ୍ୟ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ୭ଦିନ ମଧ୍ୟରେ ଯଦି କୌଣସି ପ୍ରତିକାର କରା ନ ଯାଏ ତେବେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଏହାର ଅବିକଳ ନକଲ ଜିଲାପାଳଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।



ଠିକାଦାରମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ମାର୍ଚ୍ଚ ୧୫ ସୁଦ୍ଧା ପ୍ରସ୍ତୁତି ଶେଷ ହେବ



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ**

ନୟାଗଡ଼ ଅଫିସ,୬।୩

ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ସୋମବାର ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ନୌସଦ ଅଲ୍ଲୀ ଖାନ, ସହକାରୀ ବନ ସଂରକ୍ଷକ ଶ୍ୱେତାଲିନା ସାହୁ, ଜରୁରୀ କାଳୀନ ଅଧିକାରୀ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲର ୬୮ଟି ସ୍ଥାନରେ ନିଆଁ ଲାଗି ସାରିଲାଣି। ମହୁଲି ଓ ଦେଶୀ ମଦ ରାନ୍ଧିବା ସମୟରେ ଓ ଜଙ୍ଗଲରେ ଜାଣିଶୁଣି ନିଆଁ ଲଗାଯାଉଛି ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଏଣୁ ସଚେତନତା ଜାରି ରହିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯିବା, ଥଣ୍ଡା ପାଣି ରଖିବା, ଓଆରଏସ୍ ଓ ଜରୁରୀ କାଳୀନ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ପାଣି ସଙ୍କଟ ଏଡ଼ାଇବାକୁ ଆବଶ୍ୟକ ସ୍ଥାନରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଓ ନଳକୂପ ଖୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ କାଟ ଉପରେ ନିୟନ୍ତ୍ରଣ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୫ରୁ ଜୁନ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମ କରିବାକୁ ମନା କରାଯାଇଛି। ଅଙ୍ଗନୱାଡି କେନ୍ଦ୍ର ସକାଳ ୬ରୁ ୯ଟା ପର୍ଯ୍ୟନ୍ତ ଖୋଲାଯିବ। ଗୃହପାଳିତ ପ୍ରାଣୀ ପାଇଁ ହାଟରେ, ଗୋଠରେ ଜଳକୁଣ୍ଡ ବ୍ୟବସ୍ଥା ଓ ଲୋକଙ୍କ ପାଇଁ ଛକ ସ୍ଥାନଗୁଡ଼ିକରେ ଜଳଛତ୍ର ବ୍ୟବସ୍ଥା କରିବାକୁ କୁହାଯାଇଛି। ମାର୍ଚ୍ଚ ୧୫ ସୁଦ୍ଧା ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି।

# ଉଠାଜଳସେଚନ ନିଗମ ଅଧ୍ୟକ୍ଷଙ୍କ ଅଭିଯୋଗ ଶୁଣାଣି

ନୟାଗଡ଼ ଅଫିସ,୬।୩

ନୟାଗଡ଼ ନିର୍ବାଚନମଣ୍ଡଳୀର ନୟାଗଡ଼ ବ୍ଲକ, ମ୍ୟୁନିସିପାଲିଟି, ଓଡ଼ଗାଁ ବ୍ଲକର କେତେଗୋଟି ପଞ୍ଚାୟତ ସମେତ ଓଡ଼ଗାଁ ଏନ୍‌ଏସି ଅଞ୍ଚଳରେ ଥିବା ଉଠାଜଳସେଚନର ସ୍ଥିତି ପରଖିବା ଓ ଚାଷୀର ସୁବିଧା ଅସୁବିଧା ଜାଣିବାକୁ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପାତ୍ର ସୋମବାର ଅଭିଯୋଗ ଶୁଣାଣି କରିଥିଲେ। ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଉଠାଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ସାମିଲ ଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ, ପ୍ରକଳ୍ପ ଅଛିବିଦ୍ୟୁତ ନାହିଁ। ବିଦ୍ୟୁତ୍ ଅଛି ପ୍ରକଳ୍ପ ନଷ୍ଟ ହୋଇଗଲାଣି। ପ୍ରକଳ୍ପ ଅଛି ବିଦ୍ୟୁତ୍ କାମ କରୁନି। ନାନା ଅବ୍ୟବସ୍ଥାରେ ଉଠାଜସେଚନ କାମ କରୁଛି। ଜମିରେ ଜଳ ମାଡୁନି। ତେବେ କର ଦେବା ପାଇଁ କୁହାଯାଉଛି। ଅଚଳ ଉଠଜଳସେଚନଗୁଡ଼ିକୁ ତାଲିକା କରାଯାଇଛି। ଏଗୁଡ଼ିକର ସ୍ଥିତି ପରଖିବା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ। ତେବେ ଏପ୍ରିଲ ମାସରେ ନୂଆ ଉଠାଜଳସେଚନ ପ୍ରକଳ୍ପ ପାଇଁ ଆବେଦନ କରିବାକୁ କୁହାଯାଇଛି।

# ଆତ୍ମା କମିଟି ଭାଙ୍ଗି ନୂଆ ଗଢ଼ିବାକୁ ଦାବି

**ଗଣିଆ ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ**

ଗଣିଆ,୬।୩ (ଡି.ଏନ.ଏ.)



ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ।

ଗଣିଆ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ ପରିସରରେ ସୋମବାର ଗଣିଆ ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନାଙ୍କ ଅଧକ୍ଷତା କରିଥିବା ବେଳେ ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଡିଓ ଖଗେଶ୍ୱର ପାତ୍ର, ଏବିଡିଓ ରତନଲାଲ ଲୋହରା, ବ୍ଲକ ଉପାଧକ୍ଷ ରାଜକିଶୋର ସାହୁ, ଜିଲା ପରିଷଦ ସଭ୍ୟ ନରେଶ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଜିପିଇଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ।

ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଗଣିଆଠାରେ ମୋ ଗଣିଆ ତୋରଣ ନିର୍ମାଣ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଗତ ୨ବର୍ଷ ଧରି କୃଷି ବିଭାଗର ଆତ୍ମା କମିଟି ଗଠନ ହୋଇ ନ ଥିବାବେଳେ କିଛିଦିନ ତଳେ ବ୍ଲକ ଅଧକ୍ଷା ଓ ପଞ୍ଚାୟତ ଜନପ୍ରତିନିଧିମାନଙ୍କ ଅଗୋଚରରେ ବ୍ଲକର ଆତ୍ମା କମିଟି କାହା ଇଙ୍ଗିତରେ ଓ ପରାମର୍ଶରେ ଗଠନ କରାଯାଇଛି ବୋଲି ବୈଠକରେ ସରପଞ୍ଚ ସେଠୀ ପ୍ରଶ୍ନ କରିଥିଲେ। ସମାନ ଘଟଣାକୁ ନେଇ ବ୍ଲକ ଅଧକ୍ଷା ସମ୍ପୂର୍ଣ୍ଣ ଅଜ୍ଞ ବୋଲି କହିବା ସହ ପୂର୍ବରୁ ଗଠିତ ଆତ୍ମା କମିଟିକୁ ଭାଙ୍ଗି ଦେଇ ନୂତନ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ବିଶେଷକରି ଆତ୍ମା କମିଟି ଗଠନକୁ ନେଇ ବ୍ଲକର ସମସ୍ତ ନିର୍ବାଚିତ ଲୋକପ୍ରତିନିଧି ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ରାସଙ୍ଗ ପଞ୍ଚାୟତ ସରପଞ୍ଚ ମାନସ ରଞ୍ଜନ ମହାଖୁଡ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ସମାନ ଭାବେ କାର୍ଯ୍ୟ ବଣ୍ଟନ ନେଇ ପ୍ରସ୍ତାବ ଆଗତ କରିଥିଲେ। ସେହିପରି କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଠିକ୍ ଭାବେ ଓ ଉପଯୁକ୍ତ ସମୟରେ ମୁଗ ବିହନ ଦିଆଯାଇ ନ ଥିବା ଅଭିଯୋଗ କରିଥିଲେ। ଏଥିପ୍ରତି କୃଷି ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ। ସେହିପରି ଗଣିଆ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବା କାରଣ ସମ୍ପର୍କରେ ସମିତିସଭ୍ୟ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ଅନ୍ୟପରି ରାଜନୈତିକ ଆକ୍ରୋଶ ରଖି ଛାମୁଣ୍ଡିଆ ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ବାଧା ସୃଷ୍ଟି କରାଯାଉଥିବା ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି ଅଭିଯୋଗ କରିବା ପରେ ବିଧାୟକ ବେହେରା ୭ ଦିନ ମଧ୍ୟରେ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବଡ଼ଶିଲିଙ୍ଗା ପଞ୍ଚାୟତରେ ୧୫ଟି ଗ୍ରାମକୁ ବିଜୁ ଜ୍ୟୋତି ଯୋଜନାରେ ସାମିଲ କରି ବିଦ୍ୟୁତ୍ ଯୋଗାଣ ପାଇଁ ସରପଞ୍ଚ ସସ୍ମିତା ସାହୁ ଦାବି କରିଥିଲେ। ଆଗକୁ ଖରାଦିନ ଆସୁଥିବାରୁ ପାନୀୟ ଜଳ ସଙ୍କଟ ଦେଖାଦେଇଥିବା ଗ୍ରାମଗୁଡ଼ିକରେ ଆସନ୍ତା ୨୦ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଥିଲେ। ତେବେ ଗଣିଆ ବନାଞ୍ଚଳ ଓ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ କୌଣସି କର୍ମଚାରୀ ବୈଠକରେ ଉପସ୍ଥିତ ନ ଥିବାରୁ ସଭାଗୃହରେ ସେମାନଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା।

